# NATIONAL NEWS BULLETIN (ODIA)

**1 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୪ଟି ନୂତନ ଶ୍ରମ ସଂହିତା ପାଇଁ ଡ୍ରାପ୍ଟ ନିୟମାବଳୀ ଅଧିସୂଚନା ଜାରି କଲେ କେନ୍ଦ୍ର ସରକାର

- କୃତ୍ରିମ ବୁଦ୍ଧିମତା କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଦେଶର ସକାରାତ୍ମକ ପରିବର୍ତ୍ତନ ଦିଗରେ ଏକ ବଡ଼ ସୁଯୋଗ; କହିଲେ ରାଷ୍ଟ୍ରପତି

- ପ୍ରତିଷ୍ଠା ଦିବସ ଅବସରରେ ପ୍ରତିରକ୍ଷା କ୍ଷେତ୍ରରେ ଡି.ଆର.ଡି.ଓ.ର ଭୂମିକାକୁ ପ୍ରଶଂସା କଲେ ପ୍ରତିରକ୍ଷା ମନ୍ତ୍ରୀ

- ଇଂରାଜୀ ନବବର୍ଷ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ନ୍ୟୁୟର୍କ ସିଟିର ନୂଆ ମେୟର ଭାବେ ଶପଥ ଗ୍ରହଣ କଲେ ଜୋହରାନ୍ ମାମଦାନୀ

# ସେଣ୍ଟର ଲେବର କୋର୍ଟସ

କେନ୍ଦ୍ର ସରକାର ୪ଟି ନୂତନ ଶ୍ରମ ସଂହିତା ପାଇଁ ଡ୍ରାପ୍ଟ ନିୟମାବଳୀ ଅଧିସୂଚନା ଜାରି କରିଛନ୍ତି। ଏହି ୪ଟି ଶ୍ରମ ସଂହିତା ହେଉଛି ମଜୁରୀ ସଂହିତା-୨୦୧୯, ଶିଳ୍ପ ସମ୍ପର୍କ ସଂହିତା-୨୦୨୦, ସାମାଜିକ ସୁରକ୍ଷା ସଂହିତା-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିସ୍ଥିତି ସଂହିତା-୨୦୨୦। ଏହି ନିୟମଗୁଡ଼ିକ ଜରିଆରେ ଶ୍ରମିକ, ମଜୁରୀ, ନିଯୁକ୍ତିର ପ୍ରକାର, ଗ୍ରାଚ୍ୟୁଇଟି, ବୋନସ୍ ପ୍ରଦାନ ଭଳି ବ୍ୟବସ୍ଥା ରହିଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ' ଆସନ୍ତା ୪୫ ଦିନ ମଧ୍ୟରେ ଡ୍ରାପ୍ଟ ନିୟମାବଳୀ ସମ୍ପର୍କରେ ଆପତ୍ତି ଏବଂ ପରାମର୍ଶ ଦାଖଲ ପାଇଁ  ସୂଚନା ଦେଇଛି।

ଦେଶରେ ଥିବା ପୁରୁଣା ଶ୍ରମ ଆଇନକୁ ସରଳ ଏବଂ ସୁଗମ କରିବା ପାଇଁ ଶ୍ରମ ମନ୍ତ୍ରଣାଳୟ ଗତ ବର୍ଷ ନଭେମ୍ବର ୨୧ରେ ୪ଟି ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲା। ମନ୍ତ୍ରଣାଳୟ ଅନୁଯାୟୀ, ନୂତନ ଶ୍ରମ ସଂହିତା ଦେଶର ଶ୍ରମିକମାନଙ୍କ ପାଇଁ ଉତ୍ତମ ମଜୁରୀ, ସୁରକ୍ଷା, ସାମାଜିକ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବ। ଏହି ସଂହିତା ଅନୁଯାୟୀ ଶ୍ରମିକମାନେ ସର୍ବନିମ୍ନ ମଜୁରୀ ସହ ପ୍ରତ୍ୟେକ ନିୟୋଜନ ପାଇଁ ନିଯୁକ୍ତିପତ୍ର ପାଇବେ ଏବଂ ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଦରମା ରହିବ। ଏହି ନୂଆ ଆଇନ ଫଳରେ ୪୦ କୋଟିରୁ ଅଧିକ ଶ୍ରମିକ  ଗ୍ରାଚ୍ୟୁଇଟିର ଲାଭ ପାଇପାରିବେ।

# ପ୍ରେଜ୍-ସୋର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କୃତ୍ରିମ ବୁଦ୍ଧିମତା କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଦେଶରେ ସକାରାତ୍ମକ ପରିବର୍ତ୍ତନ ଦିଗରେ ଏକ ବଡ଼ ସୁଯୋଗ। ଆଜି ରାଷ୍ଟ୍ରପତି ଭବନରେ 'କୃତ୍ରିମ ବୁଦ୍ଧିମତା ଦକ୍ଷତା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି କହିଛନ୍ତି, ଦେଶର ଅନେକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି ଏବଂ ସମସ୍ତଙ୍କ ପାଇଁ ଏହାକୁ ଶିକ୍ଷା କରିବା ଆବଶ୍ୟକ ହୋଇପଡ଼ିଛି।

**V/O–PREZ-1**

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି' ଛାତ୍ରଛାତ୍ରୀ ଏବଂ ସାଂସଦମାନଙ୍କ ପାଇଁ ଏକ ଜାତୀୟ ସଚେତନତା ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନର ଶୀର୍ଷକ ହେଉଛି 'ସ୍କିଲ ଦ ନେସନ୍ ଚ୍ୟାଲେଞ୍ଜ'। ରାଷ୍ଟ୍ରପତି ମୁର୍ମୁ' ସାଂସଦମାନେ ସେମାନଙ୍କ ନେତୃତ୍ୱର ଭୂମିକାକୁ ଆହୁରି ବୃଦ୍ଧି କରିବା ପାଇଁ ଏ.ଆଇ. ସମ୍ପର୍କରେ ଶିକ୍ଷା ଗ୍ରହଣ କରିବାକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏହି ଆହ୍ୱାନ ଏ.ଆଇ. ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଅର୍ଥନୈତିକ ଆତ୍ମନିର୍ଭରଶୀଳତାକୁ ଗତି ପ୍ରଦାନ କରିବ। ଦେଶର କୋଟି କୋଟି ଲୋକଙ୍କୁ ଏ.ଆଇ. ସଶକ୍ତ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରି ଭବିଷ୍ୟତର ମାନବ ସମ୍ବଳ ସୃଷ୍ଟି ଦିଗରେ ସହାୟକ ହେବ।

**V/O–PREZ-2**

# ଗଭ୍– ଟବାକୋ

ଆସନ୍ତା ମାସ ୧ ତାରିଖରୁ କେନ୍ଦ୍ର ସରକାର ତମାଖୁ ଜାତୀୟ ପଦାର୍ଥ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ପାନ ମସଲା ଉପରେ ନୂଆ ସେସ୍ ଲାଗୁ କରିବେ। ଏଥିପାଇଁ ନିର୍ଦ୍ଧାରିତ ଜି.ଏସ୍.ଟି. ହାର ପରେ ଏହି ଅତିରିକ୍ତ

ଶୁଳ୍କ ଲାଗୁ ହେବ। ଫେବୃଆରୀ ୧ ତାରିଖରୁ ପାନ ମସଲା, ସିଗାରେଟ, ତମାଖୁ ଓ ସେହି ଜାତୀୟ ଉତ୍ପାଦ ଉପରେ ୪୦ ପ୍ରତିଶତ ଜି.ଏସ୍.ଟି. ହାର ଲାଗୁ ହେବା ସହ ବିଡ଼ି ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁ ହେବ। ଏହା ବାଦ ପାନମସଲା, ତମାଖୁ ଜାତୀୟ ଉତ୍ପାଦ ଉପରେ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ମଧ୍ୟ ଲାଗୁ କରାଯିବ। ସୂଚନା ଯୋଗ୍ୟ, ଗତ ବର୍ଷ ଡିସେମ୍ବର ମାସରେ ସଂସଦ ନୂଆ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଲାଗୁ ନେଇ ବିଧେୟକ ପାରିତ କରିଥିଲା।

## ରାଜନାଥ-ଡିଆରଡିଓ

ପ୍ରତିରକ୍ଷା, ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ– ଡି.ଆର.ଡି.ଓ.ର ଆଜି ପ୍ରତିଷ୍ଠା ଦିବସ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ’ ବୈଜ୍ଞାନିକ, ଡି.ଆର୍.ଡି.ଓ. କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦେଶର ପ୍ରତିରକ୍ଷା ନିମନ୍ତେ ସବୁ ସମୟରେ ଦୃଢ଼ତାର ସହ ପ୍ରସ୍ତୁତ ରହିଥିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଭାରତ ଲକ୍ଷ୍ୟ ହାସଲ ଦିଗରେ ଡି.ଆର୍.ଡି.ଓ.ର ଭୂମିକାକୁ ମନ୍ତ୍ରୀ ଶ୍ରୀ ସିଂହ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଏବଂ ଭବିଷ୍ୟତ ଲାଗି ପ୍ରଯୁକ୍ତିବିଦ୍ୟାକୁ ସଠିକ୍ ଢଙ୍ଗରେ ବ୍ୟବହାର ଦିଗରେ ଡିଆରଡିଓ ପ୍ରସ୍ତୁତ ରହିଛି।

୧୯୫୮ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ସମୟରେ ଭାରତୀୟ ସେନାର ପ୍ରଯୁକ୍ତିବିଦ୍ୟା ବିକାଶ ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ଓ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ ପ୍ରତିରକ୍ଷା

ବିଜ୍ଞାନ ପ୍ରତିଷ୍ଠାନକୁ ମିଶ୍ରଣ କରାଯାଇ ଡି.ଆର୍.ଡି.ଓ. ଗଠନ କରାଯାଇଥିଲା। ସେହି ସମୟରେ ଡି.ଆର.ଡି.ଓ.ର ୧୦ଟି ପରୀକ୍ଷାଗାର ଥିଲା। ଏବେ ଏହି ପରୀକ୍ଷାଗାର ସଂଖ୍ୟା ୫୨କୁ ବୃଦ୍ଧି ପାଇବା ସହ ଏଥିରେ ୫ ହଜାରରୁ ଅଧିକ ବୈଜ୍ଞାନିକ ଗବେଷଣା କାର୍ଯ୍ୟ କରୁଛନ୍ତି।

ଡିଆରଡିଓ ଦିବସ ଅବସରରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ’ ଡି.ଆର.ଡି.ଓ. କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦେଶ ସୁରକ୍ଷାରେ ସେମାନଙ୍କ ଭୂମିକାକୁ ଜେନେରାଲ ଦ୍ୱିବେଦୀ ପ୍ରଶଂସା କରିଛନ୍ତି।

# ପ୍ରେଜ୍-ଭିପି-ପିଏମ୍- ନ୍ୟୁ ଇୟର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଇଂରାଜୀ ନବବର୍ଷ-୨୦୨୬ର ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ନୂଆବର୍ଷ ନୂତନ ଶକ୍ତି ଓ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ ଭାବେ ନୂତନ ବର୍ଷ ଆତ୍ମ-ପ୍ରତିଫଳନ ଏବଂ ନୂତନ ସଂକଳ୍ପ ପାଇଁ ସୁଯୋଗ ସୃଷ୍ଟି କରିଥାଏ । ଦେଶର ବିକାଶ, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ୨୦୨୬ ସମସ୍ତଙ୍କ ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧି ଆଣିବା ସହ ଏକ ଶକ୍ତିଶାଳୀ ତଥା ସମୃଦ୍ଧ ଭାରତ ଗଠନ ପାଇଁ ନୂତନ ଶକ୍ତି ପ୍ରଦାନ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ନୂଆବର୍ଷର ଶୁଭେଚ୍ଛା ଜଣାଇ ଏହା ସମସ୍ତଙ୍କ ପାଇଁ ଶାନ୍ତି, ସୁସ୍ୱାସ୍ଥ୍ୟ, ଖୁସି ଏବଂ ବିକାଶର ବର୍ଷ ହେଉ ବୋଲି କହିଛନ୍ତି। ସେ କହିଛନ୍ତି, ଦୃଢ଼ ଏବଂ ବିକଶିତ ଭାରତ ପାଇଁ ନାଗରିକମାନଙ୍କ ଯାତ୍ରା ସଫଳ ହେଉ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ୨୦୨୬ ସମସ୍ତଙ୍କ ପାଇଁ ବିକାଶର ବର୍ଷ ହେଉ ଏବଂ ସମସ୍ତଙ୍କ ଉଦ୍ୟମ ଫଳବତୀ ହେଉ। ସମସ୍ତଙ୍କ ସୁଖ ସମୃଦ୍ଧି ଲାଗି ପ୍ରଧାନମନ୍ତ୍ରୀ ପ୍ରାର୍ଥନା କରିଛନ୍ତି।

ଲୋକସଭା ବାଚସ୍ପତି ଓମ ବିର୍ଲା ଦେଶବାସୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ଏକ ଭିଡିଓ ବାର୍ତ୍ତାରେ ସମସ୍ତଙ୍କ ଜୀବନରେ ସଫଳତା କାମନା କରିବା ସହ ସମସ୍ତଙ୍କ ଇଚ୍ଛା ପୂର୍ଣ୍ଣ ହେଉ ବୋଲି କହିଛନ୍ତି।

**V/O – OM BIRLA**

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ' କୃଷକ, ଶ୍ରମିକ ଏବଂ ଲକ୍ଷପତି ଦିଦିମାନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇ କହିଛନ୍ତି, ବିକଶିତ ଭାରତ– ଜି.ରାମ.ଜି ଯୋଜନା ଶ୍ରମିକମାନଙ୍କୁ କର୍ମନିଯୁକ୍ତି ଯୋଗାଇବା ସହ କୃଷକ ଏବଂ ମହିଳାମାନଙ୍କୁ ସଶକ୍ତ କରିବ। ଗ୍ରାମୀଣ ଉଦ୍ୟୋଗକୁ ଏହି ଯୋଜନା ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। ଶ୍ରୀ ଚୌହ୍ୱାନ କହିଛନ୍ତି, ଦେଶରେ ଏବେ ୨ କୋଟି ଲକ୍ଷପତି ଦିଦି ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

# ମମ୍‌ଦାନୀ– ନ୍ୟୁୟର୍କ ସିଟି ମେୟର

ନ୍ୟୁୟର୍କ ସିଟିର ନୂଆ ମେୟର ଭାବେ ଜୋହରାନ ମାମଦାନୀ ଶପଥ ଗ୍ରହଣ କରିଛନ୍ତି । ମ୍ୟାନହଟନ୍‌ସ୍ଥିତ ପୁରାତନ ସିଟି ହଲ୍ ଷ୍ଟେସନ୍‌ରେ ଏକ ଐତିହାସିକ ଉତ୍ସବରେ ସେ ଶପଥ ଗ୍ରହଣ କରିଥିବା ଜଣାପଡ଼ିଛି । ଆମେରିକାର ବୃହତମ ସହରଭାବେ ପରିଚିତ ନ୍ୟୁୟର୍କର ପ୍ରଥମ ମୁସଲିମ ନେତାଭାବେ ଡେମୋକ୍ରାଟର ସଦସ୍ୟ ମାମଦାନୀ ଏହି ପଦବୀ ଗ୍ରହଣ କରିଛନ୍ତି । ସେ ଆଫ୍ରିକାରେ ଜନ୍ମଗ୍ରହଣ କରିଥିବା ପ୍ରଥମ ବ୍ୟକ୍ତିଭାବେ ମାତ୍ର ୩୪ ବର୍ଷ ବୟସରେ ସର୍ବକନିଷ୍ଠ ଭାବେ ମେୟର ପଦରେ ଅଭିଷିକ୍ତ ହୋଇଛନ୍ତି ।

# ପିଏମ୍‌ଏମ୍‌ଭିୱାଇ– ସ୍କିମ୍

ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ଆଜି ୯ ବର୍ଷ ପୂରଣ ହୋଇଛି । ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏହି ଯୋଜନା ୨୦୧୭ ମସିହା ଜାନୁଆରୀ ୧ ତାରିଖରେ ଆରମ୍ଭ କରାଯାଇଥିଲା ।

କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ସାମାଜିକ ଓ ଅର୍ଥନୈତିକ ଭାବେ ଅନଗ୍ରସର ମହିଳାମାନଙ୍କୁ ଶିଶୁ ଜନ୍ମକାଳୀନ ଲାଭ ପ୍ରଦାନ କରାଯାଉଛି । ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ପ୍ରଥମ ପିଲା ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯାଉଥିବା ବେଳେ ଦ୍ୱିତୀୟ କନ୍ୟା ସନ୍ତାନ ପାଇଁ ୬ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି ।  କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର

ସୂଚନା ଅନୁଯାୟୀ, ୪ କୋଟି ୫୦ ଲକ୍ଷରୁ ଅଧିକ ଲାଭାର୍ଥୀ ଏହି ଯୋଜନାରେ ପଞ୍ଜୀକୃତ ହୋଇଥିବା ବେଳେ ୧୯ ହଜାର କୋଟିରୁ ଅଧିକ ଟଙ୍କା ସେମାନଙ୍କୁ ପ୍ରଦାନ କରାଯାଇଛି।

## ସେକ୍ଟର- ପିଏଲ୍ଆଇ ଅଟୋ

ଅଟୋମୋବାଇଲ କ୍ଷେତ୍ରରେ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାରେ ୩୫ ହଜାର ୬୫୭ କୋଟି ଟଙ୍କା ବିନିଯୋଗ କରାଯାଇଥିବା କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଦେଶରେ ଆଡଭାନ୍ସ ଅଟୋମୋଟିଭ୍ ଟେକ୍ନୋଲୋଜି ପ୍ରଡକ୍ଟର ନିର୍ମାଣ ଓ ସାମର୍ଥ୍ୟ ବୃଦ୍ଧି ନିମନ୍ତେ ପି.ଏଲ୍.ଆଇ. ଯୋଜନା ଆରମ୍ଭ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ବଜେଟ୍‌ରେ ୨୬ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେନ୍ଦ୍ର ଭାରି ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନାରେ ଇଲେକ୍ଟ୍ରି ଦୁଇ ଚକିଆ ଯାନର ୧୦ ଲକ୍ଷ ୟୁନିଟ୍ ଏବଂ ୩ ଚକିଆ ଯାନର ୨ ଲକ୍ଷ ୩୮ ହଜାରରୁ ଅଧିକ ୟୁନିଟ୍ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସେହିପରି ୮୦ ହଜାର ୟୁନିଟ୍‌ରୁ ଅଧିକ ଇଲେକ୍ଟ୍ରିକ ଚାରିଚକିଆ ଯାନ ଏବଂ ୧ ହଜାର ୪୦୦ରୁ ଅଧିକ ଇଲେକ୍ଟ୍ରିକ ବସ୍ ପାଇଁ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି।

## ସ୍ୱିସ୍ ବାର୍ ଏକ୍ସପ୍ଲୋଜନ

ନୂଆବର୍ଷ ଉତ୍ସବ ପାଳନ ବେଳେ ସ୍ୱିଜରଲାଣ୍ଡର ଆଲପାଇନ୍ ସ୍କି ରିସର୍ଟ ସହରର କ୍ରାନ୍ସ–ମୋଣ୍ଟାନା ବାର୍‌ରେ ଅଗ୍ନିକାଣ୍ଡ ଯୋଗୁଁ ଅନେକ

ଲୋକଙ୍କ ମୃତ୍ୟୁ ହେବା ସହ ଅଧିକାଂଶ ଆହତ ହୋଇଛନ୍ତି। ସେଠାକାର ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାତ୍ରି ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ବାର୍‌ରେ ନୂଆବର୍ଷ ପାଳିବା ପାଇଁ ପର୍ଯ୍ୟଟକମାନେ ଏକତ୍ରୀତ ହୋଇଥିଲେ। ଅଗ୍ନିକାଣ୍ଡର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଜରୁରୀକାଳୀନ ସେବା ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ସ୍ୱିଜରଲାଣ୍ଡ ସରକାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେଠାକାର ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବହୁ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି, କିନ୍ତୁ ଏ ପର୍ଯ୍ୟନ୍ତ ସଠିକ୍ ସଂଖ୍ୟା ମିଳିପାରିନାହିଁ।